## ଜିଲ୍ଲା କାର୍ଯ୍ୟାଳୟ : ବରଗଡ଼
## (ସମାଜ ମଙ୍ଗଳ ବିଭାଗ)
## (ଡ଼ି. ପି. ଏମ. ଇଉ., ମିଶନ ଶକ୍ତି)

ବିଜ୍ଞପ୍ତି ସଂଖ୍ୟା : ୧୭୪୮ ତା : ୧୨.୦୭.୧୯

### ଠିକା ପ୍ରସ୍ତାବ ଆହ୍ୱାନ

୨୦୧୯-୨୦ ଆର୍ଥିକ ବର୍ଷ ସକାଶେ ଚୁକ୍ତି ଭିତ୍ତିରେ ଦରକାର ମତେ ଭଡାସୂତ୍ରରେ ବାହନ ନିୟୋଜନ ନିମନ୍ତେ ସ୍ୱୀକୃତି ପ୍ରାପ୍ତ ଟ୍ରାଭେଲ ସଂସ୍ଥା କିମ୍ବା ଇଚ୍ଛୁକ ଗାଡି ମାଲିକଙ୍କ ଠାରୁ ଜିଲ୍ଲା ମିଶନ ଶକ୍ତି, ସମାଜ ମଙ୍ଗଳ ବିଭାଗ ଏବଂ ୧୩ ଟି ବ୍ଲକ ମିଶନ ଶକ୍ତି, ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ ନିମନ୍ତେ ଜଉମୁଦ ଠିକା ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି । ଠିକା ପ୍ରସ୍ତାବ ଜନିତ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.bargarh.nic.in ରୁ ତା. ୧୨.୦୭.୨୦୧୯ ଠାରୁ ତା. ୨୬.୦୭.୨୦୧୯ ମଧ୍ୟରେ ସଂଗ୍ରହ କରିହେବ । ଆବେଦନକାରୀ ଜଉମୁଦ ଦିଆ ଠିକା ପ୍ରସ୍ତାବ ସମ୍ପୂର୍ଣ୍ଣ ଭାବେ ନିମ୍ନ ସ୍ୱାକ୍ଷରକାରୀଙ୍କ ପାଖରେ ଥିବା ସ୍ୱତନ୍ତ୍ର ଠିକା ପ୍ରସ୍ତାବ ବାକ୍ସରେ ତା. ୨୬.୦୭.୨୦୧୯ ସନ୍ଧ୍ୟା ୪.୦୦ ସୁଦ୍ଧା ଦାଖଲ କରିପାରିବେ, ଏହାସହିତ ଆବଶ୍ୟକ ଠିକା ପ୍ରସ୍ତାବ ଦେୟ ବାବଦକୁ ଅନାଦେୟ ୫୦୦/- ଟଙ୍କା (ଅକ୍ଷରାଙ୍କେ ପାଞ୍ଚ ସହ ଟଙ୍କା) ମାତ୍ର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦେୟ ଦର୍ଶନୀ ହୁଣ୍ଡି ଦାଖଲ କରିବାକୁ ପଡିବ । । ଏତଦବ୍ୟତୀତ ଇଚ୍ଛୁକ ଆବେଦନକାରୀଙ୍କୁ ବଏନା ଜମା ବାବଦକୁ ୬୦୦୦/- ଟଙ୍କା (ଅକ୍ଷରାଙ୍କେ ଛଅ ହଜାର ଟଙ୍କା) ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦେୟ ଦର୍ଶନୀ ହୁଣ୍ଡି ଦାଖଲ କରିବାକୁ ପଡିବ । ଠିକା ପ୍ରସ୍ତାବ ସମାପ୍ତି ପରେ ଅସଫଳ ହୋଇଥବା ଠିକା ପ୍ରସ୍ତାବକଙ୍କୁ ତାଙ୍କର ବଏନା ଜମା ଟଙ୍କା ଫେରସ୍ତ କରି ଦିଆଯିବ । ଜଉମୁଦ ଠିକା ପ୍ରସ୍ତାବ ଗୁଡିକୁ ଠିକା ଅନୁମୋଦନ ସମିତି (tender committee) ର ସମସ୍ତ ସଦସ୍ୟ ଏବଂ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଜିଲ୍ଲାପାଳଙ୍କ ପ୍ରୋକୋଷ୍ଠରେ ତା. ୨୭.୦୭.୨୦୧୯ ଦିନ ଅପରାହ୍ନ ୪.୩୦ଘ. ସମୟରେ ଖୋଲାଯିବ । ଦସ୍ତାବିଜ ରେ ଯାହା କିଛି ଉଲ୍ଲେଖ ଥାଉନା କାହିଁକି ଜିଲ୍ଲାପାଳ ବରଗଡଙ୍କ ପାଖରେ ଯେ କୌଣସି ସମୟରେ ଠିକା ପ୍ରସ୍ତାବକୁ କୌଣସି କାରଣ ଉଲ୍ଲେଖ ନ କରି ଖାରଜ, ରଦ୍ଦ କିମ୍ବା ପ୍ରତ୍ୟାହାର କରିବାର କ୍ଷମତା ରହିଅଛି ଏବଂ ତାଙ୍କର ଏତାଦୃଶ ସିଦ୍ଧାନ୍ତ ଜନିତ କ୍ଷତି ପାଇଁ ସେ କାହାରି ପାଖରେ ଦାୟୀ ରହିବେ ନାହିଁ ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,
ବରଗଡ଼

ପରିପତ୍ର ସଂଖ୍ୟା ୧୭୬୦ ତା. ୧୨.୦୭.୧୯

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବରଗଡଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,
ବରଗଡ଼